1960
ଅକ୍ଟୋବର 17

## ଆୟକର ଆୟୁକ୍ତ, ମଧ୍ୟପ୍ରଦେଶ ଏବଂ ଭୋପାଳ, ନାଗପୁର

## ବନାମ

## ଭୋପାଳ ଟେକ୍ସଟାଇଲ୍ସ ଲିମିଟେଡ଼, ଭୋପାଳ

## (ଏସ୍. କେ. ଦାସ୍, ଏମ୍. ହିଦାୟତୁଲ୍ଲା ଏବଂ ଜେ. ସି. ଶାହା, ନ୍ୟାୟମୂର୍ତ୍ତିବୃନ୍ଦ)

*ଆୟକର - ପ୍ରବାସୀ କମ୍ପାନୀ ଦ୍ୱାରା ସାମଗ୍ରୀର ଯୋଗାଣ – ଦେୟ ପୈଠରେ ସ୍ଥାନ, ଯେତେବେଳେ ବିକ୍ରେତାଙ୍କ ଦ୍ୱାରା ଅର୍ଥ ପ୍ରାପ୍ତିର ସ୍ଥାନ - ବ୍ୟାଙ୍କ ଯେତେବେଳେ ବିକ୍ରେତାଙ୍କ ପ୍ରତିନିଧି - ରେଳ ରସିଦ, ଯଦି ସାମଗ୍ରୀର ମାଲିକାନା ଦସ୍ତାବିଜ ହେଉଥିବ - ସାମଗ୍ରୀରେ ଥିବା ସମ୍ପତ୍ତି, ଯେତେବେଳେ କ୍ରେତାଙ୍କୁ ହସ୍ତାନ୍ତର କରାଯାଏ।*

ଉତ୍ତରଦାତା, ଏକ ପ୍ରବାସୀ କମ୍ପାନୀ, ହିସାବ ବର୍ଷରେ ଭୋପାଳକୁ ସାମଗ୍ରୀ ଯୋଗାଣ କରିଥିଲା ଯାହା ବ୍ରିଟିଶ ଭାରତର କ୍ରେତାମାନଙ୍କ ନିକଟକୁ ପଠାଯାଇଥିଲା । ରେଳ ରସିଦଗୁଡ଼ିକୁ ଭୋପାଳର ଏକ ବ୍ୟାଙ୍କକୁ ହସ୍ତାନ୍ତର କରାଯାଇଥିଲା, ଯେଉଁଥିରେ ମାଲ୍ ଗ୍ରହୀତା ଭାବରେ ନାମିତ କ୍ରେତାମାନଙ୍କୁ କେବଳ ବିଲ୍ ପୈଠ ଏବଂ ସଂଗ୍ରହ ଶୁଳ୍କ ଗ୍ରହଣ କରିବା ପରେ ରେଳ ରସିଦଗୁଡ଼ିକୁ ହସ୍ତାନ୍ତର କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଟିକସଯୋଗ୍ୟ ଅଞ୍ଚଳ ମଧ୍ୟରେ ଥିବା ବ୍ୟାଙ୍କର ଶାଖାଗୁଡ଼ିକ କ୍ରେତାମାନଙ୍କ ଠାରୁ ବକେୟା ଅର୍ଥ ସଂଗ୍ରହ କରିଥିଲେ ଏବଂ ଉତ୍ତରଦାତାଙ୍କ ଜମା ପାଇଁ ସେଗୁଡ଼ିକୁ ଭୋପାଳକୁ ପଠାଇଥିଲେ ।

ପ୍ରଶ୍ନ ଥିଲା ଯେ ସାମଗ୍ରୀରୁ ହୋଇଥିବା ଲାଭ ବ୍ରିଟିଶ ଭାରତରେ ଗ୍ରହଣ କରାଯାଇଥିଲା କିମ୍ବା ଗ୍ରହଣ କରାଯାଇଥିଲା ବୋଲି ବିବେଚନା କରାଯାଇଥିଲା କି ନାହିଁ।

*ଏହା ବିଚାର କରାଯାଇଥିଲା ଯେ, ଆୟକର ଆୟୁକ୍ତ ବନାମ ପି. ଏମ୍. ରାଠୋଡ୍ ଏବଂ କମ୍ପାନୀ* ମାମଲାରେ ଏହି ନ୍ୟାୟାଳୟଙ୍କ ନିର୍ଣ୍ଣୟ ଏହି ମାମଲାରେ ପ୍ରୟୋଗ ହୋଇଥିଲା; ଏବଂ ଆୟ, ଲାଭ କିମ୍ବା ଉପାର୍ଜନ ଟିକସଯୋଗ୍ୟ ଅଞ୍ଚଳ ମଧ୍ୟରେ ଗ୍ରହଣ କରାଯାଇଥିବାର ବିବେଚନା କରାଯିବା ଆବଶ୍ୟକ ।

ପ୍ରତିନିଧିଙ୍କୁ ଦେୟ ପୈଠ କରିବାର ତଥ୍ୟ ବିକ୍ରେତାଙ୍କ ଦ୍ୱାରା ଅର୍ଥ ଗ୍ରହଣ କରାଯାଇଥିବା ସ୍ଥାନ ନିର୍ଦ୍ଧାରଣ କରିଥାଏ । ଯେହେତୁ ଏହି ମାମଲାରେ ବିକ୍ରେତାଙ୍କ ନିର୍ଦ୍ଦେଶ ଅନୁଯାୟୀ ବ୍ୟାଙ୍କ ଦ୍ୱାରା ସାମଗ୍ରୀର ମୂଲ୍ୟ ପ୍ରାପ୍ତ ନହେବା ପର୍ଯ୍ୟନ୍ତ ବ୍ୟାଙ୍କ ଦ୍ୱାରା କ୍ରେତାମାନଙ୍କୁ ରେଳ ରସିଦ ହସ୍ତାନ୍ତର

କରାଯାଇନଥିଲା, ଯେଉଁ ନିର୍ଦ୍ଦେଶକୁ କ୍ରେତାମାନେ ବାତିଲ କରିପାରିନଥିଲେ, ଏହା ବ୍ୟାଙ୍କକୁ ବିକ୍ରେତାଙ୍କ ପ୍ରତିନିଧି କରିବା ପାଇଁ ଯଥେଷ୍ଟ ଥିଲା।

*ଆହୁରି ମଧ୍ୟ ବିଚାର କରାଯାଇଥିଲା ଯେ,* ଏକ ରେଳ ରସିଦ ହେଉଛି ସାମଗ୍ରୀର ଏକ ମାଲିକାନା ଦସ୍ତାବିଜ, ଏବଂ ଏହା ସମସ୍ତ ଉଦ୍ଦେଶ୍ୟରେ ସାମଗ୍ରୀକୁ ସୂଚାଇଥାଏ । ଯେତେବେଳେ ଅର୍ଥ ପୈଠ ପରେ ରେଳ ରସିଦ ମାଲ୍ ଗ୍ରହୀତାଙ୍କୁ ହସ୍ତାନ୍ତର କରାଯାଏ, ସେତେବେଳେ ସାମଗ୍ରୀରେ ଥିବା ସମ୍ପତ୍ତି ହସ୍ତାନ୍ତରିତ ହୋଇଯାଏ ।

*ଆୟକର ଆୟୁକ୍ତ ବନାମ ପି. ଏମ୍. ରାଠୋଡ୍ ଏବଂ କମ୍ପାନୀ,* [1960] 1 S.C.R. 401 ମାମଲା ଉପରେ ନିର୍ଭର କରାଯାଇଥିଲା ।

ଦେୱାନୀ ଆବେଦନ ଅଧିକାରିତା: ଦେୱାନୀ ଆବେଦନ ସଂଖ୍ୟା 755/1957 ।

ବିବିଧ ଦେୱାନୀ ମାମଲା ସଂଖ୍ୟା 240/1953 ରେ ପୂର୍ବତନ ନାଗପୁର ଉଚ୍ଚ ନ୍ୟାୟାଳୟଙ୍କ 1955 ମସିହା ମାର୍ଚ୍ଚ 23 ତାରିଖର ରାୟ ଏବଂ ଆଦେଶରୁ ବିଶେଷ ଅନୁମତି ଦ୍ୱାରା ଆବେଦନ ।

ଆବେଦନକାରୀଙ୍କ ତରଫରୁ *କେ. ଏନ୍. ରାଜଗୋପାଳ ଶାସ୍ତ୍ରୀ, ଆର୍. ଏଚ୍. ଧେବର୍* ଏବଂ *ଡି. ଗୁପ୍ତା*।

ଉତ୍ତରଦାତାଙ୍କ ତରଫରୁ *ବେଦ ବ୍ୟାସ, ଏସ୍. ଏନ୍. ଆଣ୍ଡଲେ, ଜେ. ବି. ଦାଦାଚାଞ୍ଜି, ରାମେଶ୍ୱର ନାଥ* ଏବଂ *ପି. ଏଲ୍. ଭୋହରା*।

1960. ଅକ୍ଟୋବର 17. ନ୍ୟାୟାଳୟଙ୍କ ରାୟ ନ୍ୟାୟମୂର୍ତ୍ତି ହିଦାୟତୁଲ୍ଲାଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା –

ଭାରତୀୟ ଆୟକର ଅଧିନିୟମ, 1922 ର ଧାରା 66 (1) ଅନୁଯାୟୀ ଏକ ବିଚାରାର୍ଥେ ପ୍ରେରଣରେ ନାଗପୁର ଉଚ୍ଚ ନ୍ୟାୟାଳୟଙ୍କ ରାୟ ବିରୁଦ୍ଧରେ ଏହି ଆବେଦନ ବିଶେଷ ଅନୁମତି ଦ୍ୱାରା ଦାୟର କରାଯାଇଛି, ଯେଉଁଥିରେ ଉଚ୍ଚ ନ୍ୟାୟାଳୟ ନିମ୍ନଲିଖିତ ପ୍ରଶ୍ନର ଉତ୍ତର 'ନା' ରେ ଦେଇଥିଲେ:

"ଭାରତୀୟ ଆୟକର ଅଧିନିୟମ, 1922 ର ଧାରା 4 (1) (a) ର ଅର୍ଥ ମଧ୍ୟରେ ଟିକସଦାତା କମ୍ପାନୀ ଦ୍ୱାରା କିମ୍ବା ଏହା ତରଫରୁ ହିସାବ ବର୍ଷରେ 4,10,785 ଟଙ୍କା ମୂଲ୍ୟର

ସାମଗ୍ରୀ ଉପରେ ଆନୁପାତିକ ଲାଭ ବ୍ରିଟିଶ ଭାରତରେ ଗ୍ରହଣ କରାଯାଇଥିଲା କିମ୍ବା ଗ୍ରହଣ କରାଯାଇଥିଲା ବୋଲି ବିବେଚନା କରାଯାଇଥିଲା କି ନାହିଁ"।

ମଧ୍ୟପ୍ରଦେଶ ଏବଂ ଭୋପାଳର ଆୟକର ଆୟୁକ୍ତ ହେଉଛନ୍ତି ଆବେଦନକାରୀ ଏବଂ ଭୋପାଳ ଟେକ୍ସଟାଇଲ୍ସ ଲିମିଟେଡ୍, ଭୋପାଳ ହେଉଛନ୍ତି ଉତ୍ତରଦାତା । ଆକଳନ ବର୍ଷ 1944-45 ପାଇଁ, ପ୍ରବାସୀ କମ୍ପାନୀକୁ ଆୟକର ଅଧିନିୟମର ଧାରା 4 (1) (c) ଅନୁଯାୟୀ 'ବାସିନ୍ଦା ଏବଂ ସାଧାରଣତଃ ବାସିନ୍ଦା' ଭାବରେ ବିବେଚନା କରାଯାଇଥିଲା । ହିସାବ ବର୍ଷରେ, ଏହା ଭାରତ ସରକାରଙ୍କୁ କିମ୍ବା ଆଗ୍ରା, ଆହ୍ଲାବାଦ ଏବଂ ଦିଲ୍ଲୀରେ ଭାରତ ସରକାରଙ୍କ ମନୋନୀତ ବ୍ୟକ୍ତିଙ୍କୁ ଏହାର ଉତ୍ପାଦିତ ସାମଗ୍ରୀ ଯୋଗାଇ ଦେଇଥିଲା । ସରକାରଙ୍କ ଆଦେଶ ଅନୁଯାୟୀ, ସାମଗ୍ରୀଗୁଡ଼ିକୁ ସିଧାସଳଖ ମନୋନୀତ ବ୍ୟକ୍ତିମାନଙ୍କ ନିକଟକୁ ପଠାଯାଇଥିଲା, ଯେଉଁମାନେ ଏହି ସାମଗ୍ରୀଗୁଡ଼ିକ ବଦଳରେ ଅର୍ଥ ପୈଠ କରିଥିଲେ । ସମସ୍ତ ସାମଗ୍ରୀ ଭୋପାଳକୁ ପଠାଯାଇଥିଲା, ଏବଂ ରେଳ ମାଲ୍ ପରିବହନ ଏବଂ ଅନ୍ୟାନ୍ୟ ଶୁଳ୍କ କ୍ରେତାମାନଙ୍କ ଦ୍ୱାରା ବହନ କରାଯିବାର ଥିଲା, ଯେଉଁମାନଙ୍କ ନାମରେ ରେଳ ରସିଦ ମାଲ୍ ଗ୍ରହୀତା ଭାବରେ କରାଯାଇଥିଲା ଏବଂ ସେଗୁଡ଼ିକ କମ୍ପାନୀ ଦ୍ୱାରା ଭୋପାଳସ୍ଥିତ ଇମ୍ପେରିଆଲ୍ ବ୍ୟାଙ୍କ ମାଧ୍ୟମରେ ପଠାଯାଇଥିଲା । ଆଗ୍ରା, ଆହ୍ଲାବାଦ ଏବଂ ଦିଲ୍ଲୀରେ ଥିବା ବ୍ୟାଙ୍କର ଶାଖାଗୁଡ଼ିକୁ ଭୋପାଳ ଶାଖା ରେଳ ରସିଦ ପଠାଇଥିଲା, ଯେଉଁଗୁଡ଼ିକ କ୍ରେତାମାନଙ୍କ ଠାରୁ ବକେୟା ଅର୍ଥ ସଂଗ୍ରହ କରିଥିଲା ଏବଂ ସେଗୁଡ଼ିକୁ କମ୍ପାନୀର ଜମା ପାଇଁ ଭୋପାଳସ୍ଥିତ ଇମ୍ପେରିଆଲ୍ ବ୍ୟାଙ୍କକୁ ପଠାଇଥିଲା । ଏହି ତଥ୍ୟ ଆଧାରରେ, ମୋଟ 4,40,373 ଟଙ୍କା ବ୍ରିଟିଶ ଭାରତରେ ଗ୍ରହଣ କରାଯାଇଥିବ ବୋଲି ବିଭାଗ ଦ୍ୱାରା ବିଚାର କରାଯାଇଥିଲା । ସେହି ରାଶିରୁ 29,588 ଟଙ୍କା, ଯାହା ସିଧାସଳଖ ସରକାରଙ୍କୁ ଯୋଗାଣ ପାଇଁ ହୋଇଥିବା ରସିଦକୁ ସୂଚାଇ ଥିଲା, ତାହା ଆଉ ବିବାଦରେ ନାହିଁ । ବଳକା ଅର୍ଥ ସେହି ରାଶିକୁ ସୂଚାଇଥାଏ, ଯାହା ଏହି ସନ୍ଦର୍ଭର ବିଷୟବସ୍ତୁ ଥିଲା ।

ସାଧାରଣ ଆବେଦନଗୁଡ଼ିକୁ ଅନୁସରଣ କରାଯାଇଥିଲା, ଏବଂ ବ୍ରିଟିଶ ଭାରତରେ ଟଙ୍କା ଗ୍ରହଣ କରାଯାଇ ନଥିଲା ବୋଲି କମ୍ପାନୀ ଦ୍ୱାରା କରାଯାଇଥିବା ଯୁକ୍ତିକୁ ନ୍ୟାୟାଧିକରଣଙ୍କ ଦ୍ୱାରା ଗ୍ରହଣ କରାଯାଇ ନଥିଲା । ନ୍ୟାୟାଧିକରଣ ପ୍ରାପ୍ୟ ସ୍ଥାନ ବିଷୟରେ ନିଷ୍ପତ୍ତି ନେଇନଥିଲେ । ଏହା ପରେ ନ୍ୟାୟାଧିକରଣଙ୍କ ଦ୍ୱାରା ଉପରୋକ୍ତ ପ୍ରଶ୍ନ ସମ୍ବନ୍ଧରେ ଏକ ବିଚାରାର୍ଥେ ପ୍ରେରଣ କରାଯାଇଥିଲା । ଉଚ୍ଚ ନ୍ୟାୟାଳୟ ଏହି ବିଚାରାର୍ଥେ ପ୍ରେରଣର ନିଷ୍ପତ୍ତି ନେବା ସମୟରେ ଭାରତୀୟ ସାମଗ୍ରୀ ବିକ୍ରୟ ଅଧିନିୟମ, 1930 ଅନୁଯାୟୀ ସମ୍ପତ୍ତିକୁ ହସ୍ତାନ୍ତର କରିବାର ପ୍ରଶ୍ନକୁ ଅନୁଧ୍ୟାନ

କରିଥିଲେ ଏବଂ ଏହି ଉପସଂହାର ପହଞ୍ଚିଥିଲେ ଯେ ଯେହେତୁ ସାମଗ୍ରୀରେ ଥିବା ସମ୍ପତ୍ତି କ୍ରେତାମାନଙ୍କୁ ହସ୍ତାନ୍ତରିତ ହୋଇଥିଲା, ତେଣୁ ଭୋପାଳସ୍ଥିତ ଇମ୍ପେରିଆଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ନିଶ୍ଚିତ ଭାବରେ "କ୍ରେତାମାନଙ୍କ ପ୍ରତିନିଧି ଭାବରେ ରେଳ ରସିଦ ଗ୍ରହଣ କରିଛି ବୋଲି ବିବେଚନା କରାଯିବ" । ଏହି ଯୁକ୍ତିଯୁକ୍ତତା ଜାରି ରଖି, ବିଜ୍ଞ ନ୍ୟାୟମୂର୍ତ୍ତିବୃନ୍ଦ ମତବ୍ୟକ୍ତ କରିଥିଲେ:

"ସେହିପରି ଆଗ୍ରା, ଆହ୍ଲାବାଦ ଏବଂ ଦିଲ୍ଲୀରେ ଥିବା ବ୍ୟାଙ୍କର ଶାଖାଗୁଡ଼ିକ କ୍ରେତାମାନଙ୍କ ପ୍ରତିନିଧି ଭାବେ କାର୍ଯ୍ୟ କରୁଥିଲେ, ଯେତେବେଳେ ସେଗୁଡ଼ିକ ସେମାନଙ୍କଠାରୁ ଅର୍ଥ ସଂଗ୍ରହ କରିଥିଲେ ଏବଂ ତାହାକୁ ଭୋପାଳ ଶାଖାକୁ ପଠାଇଥିଲେ । ଏହି ଦୃଷ୍ଟିକୋଣରୁ, ବ୍ରିଟିଶ ଭାରତରେ କରଦାତା କମ୍ପାନୀ ଦ୍ୱାରା ଲାଭ ପ୍ରାପ୍ତ ହୋଇଥିଲା ବୋଲି କୁହାଯାଇପାରିବ ନାହିଁ । ଏହା ସେତେବେଳେ ହିଁ ଅର୍ଥ ପ୍ରାପ୍ତ କରିଥିଲା ଯେତେବେଳେ ଏହା ଭୋପାଳ ଶାଖାରେ ଏହାର ବ୍ୟାଙ୍କ ଖାତାରେ ଏକ ଜମା ଭାବେ ଆସିଥିଲା ଏବଂ ସେହି ପ୍ରାସଙ୍ଗିକ ସମୟରେ ଏହା ବ୍ରିଟିଶ ଭାରତର ଅନ୍ତର୍ଗତ ନଥିଲା" ।

କମ୍ପାନୀକୁ ହୋଇଥିବା ଆୟ, ଲାଭ କିମ୍ବା ଉପାର୍ଜନ ଆଧାରରେ ନ୍ୟାୟାଧିକରଣଙ୍କ ଦ୍ୱାରା ଏହି ମାମଲାର ନିଷ୍ପତ୍ତି ନିଆଯାଇନଥିଲା । ଏହାର ନିଷ୍ପତ୍ତି ପ୍ରକୃତ ରସିଦର ତଥ୍ୟ ଆଧାରରେ ନିଆଯାଇଥିଲା, ଅର୍ଥାତ୍ ତାହା ବ୍ରିଟିଶ ଭାରତରେ ହୋଇଥିଲା ନା ଭୋପାଳରେ ହୋଇଥିଲା, ଯାହା ସେତେବେଳେ ଟିକସ ଯୋଗ୍ୟ ଅଞ୍ଚଳ ବାହାରେ ଥିଲା । ତେଣୁ, ଆମ୍ଭଙ୍କୁ ଏହି ସମସ୍ୟା ବିଷୟରେ ଚିନ୍ତା କରିବାର ଆବଶ୍ୟକତା ନାହିଁ ଯେ କମ୍ପାନୀର ନିଜ ବ୍ୟବହାର ପାଇଁ ରହିଥିବା ଅଧିକାର ଏହା ଦ୍ୱାରା ସଂରକ୍ଷିତ ନ କରି ସାମଗ୍ରୀରେ ଥିବା ସମ୍ପତ୍ତି ସମ୍ପୂର୍ଣ୍ଣ ରୂପେ କ୍ରେତାମାନଙ୍କୁ ହସ୍ତାନ୍ତରିତ ହୋଇଛି ବୋଲି କୁହାଯାଇପାରିବ କି ନାହିଁ । ରେଳ ରସିଦଗୁଡ଼ିକ ବ୍ୟାଙ୍କକୁ ହସ୍ତାନ୍ତର କରାଯିବା ପରେ ସାମଗ୍ରୀଗୁଡ଼ିକ କ୍ରେତାମାନଙ୍କ ପାଖରେ ସମ୍ପୂର୍ଣ୍ଣ ରୂପେ ବ୍ୟବହାର ପାଇଁ ରହିଥିଲା କି ନାହିଁ, ଏହାକୁ ନେଇ କିଛିଟା ସନ୍ଦେହ ରହିଛି । ଏହା ପ୍ରମାଣରେ ଅଛି - ଏବଂ ଆୟକର ଅଧିକାରୀଙ୍କ ଦ୍ୱାରା ଉଲ୍ଲେଖ କରାଯାଇଛି - ଯେ କମ୍ପାନୀ ଯେତେବେଳେ ଭୋପାଳସ୍ଥିତ ଇମ୍ପେରିଆଲ୍ ବ୍ୟାଙ୍କକୁ ରେଳ ରସିଦ ହସ୍ତାନ୍ତର କରିଥିଲା, ସେତେବେଳେ ଏହା ଏକ ବିବରଣୀ ପତ୍ର ଦେଇ ଏପରି କରିଥିଲା, ଯେଉଁଥିରେ ଏହା ବ୍ୟାଙ୍କକୁ ବିଲ୍ ପୈଠ ଏବଂ ସଂଗ୍ରହ ଦେୟ ପାଇବା ବଦଳରେ କ୍ରେତାମାନଙ୍କୁ ରେଳ ରସିଦ ଏବଂ ବିଲ୍ ପ୍ରଦାନ କରିବାକୁ କହିଥିଲା । ଏହି ପ୍ରସଙ୍ଗର ଏହି ଦୃଷ୍ଟିକୋଣରୁ, ଯଦିଓ ଆମ୍ଭେ କୌଣସି ଚୂଡ଼ାନ୍ତ ମତ ପ୍ରକାଶ କରୁନାହୁଁ, ଆମ୍ଭେ ସନ୍ଦେହ କରୁଛୁ ଯେ ନିଜ ବ୍ୟବହାର କରିବାର ଅଧିକାର କମ୍ପାନୀ ଦ୍ୱାରା ପରିତ୍ୟକ୍ତ କରାଯାଇଥିଲା କି ନାହିଁ।

ଏକ ରେଳ ରସିଦ ହେଉଛି ସାମଗ୍ରୀର ଏକ ମାଲିକାନା ଦସ୍ତାବିଜ, ଏବଂ ଏହା ସମସ୍ତ ଉଦ୍ଦେଶ୍ୟରେ ସାମଗ୍ରୀକୁ ସୂଚାଇଥାଏ । ଯେତେବେଳେ ରେଳ ରସିଦ ଦେୟ ପୈଠ ପରେ ମାଲ୍ ଗ୍ରହୀତାଙ୍କୁ ହସ୍ତାନ୍ତର କରାଯାଏ, ସାମଗ୍ରୀରେ ଥିବା ସମ୍ପତ୍ତି ହସ୍ତାନ୍ତରିତ ହୋଇଯାଏ । ଏହି ମାମଲାରେ, ଏହା ଏକ ଯଥେଷ୍ଟ ସନ୍ଦେହର ବିଷୟ ଯେ କେବଳ ରେଳ ରସିଦ ମାଲ୍ ଗ୍ରହୀତାଙ୍କ ନାମରେ ଥିବାରୁ ସାମଗ୍ରୀରେ ଥିବା ସମ୍ପତ୍ତି କ୍ରେତାମାନଙ୍କୁ ହସ୍ତାନ୍ତରିତ ହୋଇଛି ବୋଲି କୁହାଯାଇପାରିବ କି ନାହିଁ, ଯେପରି ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ବିଚାର କରାଯାଇଛି । ଯେହେତୁ ଆମ୍ଭେ ଅର୍ଥ ବୃଦ୍ଧିର ପ୍ରଶ୍ନ ଉପରେ ନିଷ୍ପତ୍ତି ନେଉନାହୁଁ, ତେଣୁ ଆମ୍ଭେ ଏହି ପ୍ରସଙ୍ଗଟିକୁ ବିସ୍ତୃତ ଭାବରେ ବର୍ଣ୍ଣନା କରୁନାହୁଁ ।

କେଉଁଠାରେ ଏହି ରାଶି ଗ୍ରହଣ କରାଯାଇଥିଲା - ବର୍ତ୍ତମାନ ଏହି ପ୍ରଶ୍ନକୁ ଆସିଲେ, ଆମ୍ଭର ଏଥିରେ କୌଣସି ସନ୍ଦେହ ନାହିଁ ଯେ ନ୍ୟାୟାଧିକରଣଙ୍କ ମତ ସଠିକ୍ ଥିଲା । କମ୍ପାନୀର ପ୍ରତିନିଧି ଭାବରେ କାର୍ଯ୍ୟ କରୁଥିବା ଇମ୍ପେରିଆଲ୍ ବ୍ୟାଙ୍କ ଦ୍ୱାରା କ୍ରେତାମାନଙ୍କ ଠାରୁ ଆଗ୍ରା, ଆହ୍ଲାବାଦ କିମ୍ବା ଦିଲ୍ଲୀରେ ଏହି ଆୟ ଗ୍ରହଣ କରାଯାଇଥିଲା । କମ୍ପାନୀ ରେଳ ରସିଦଗୁଡ଼ିକୁ ବ୍ୟାଙ୍କକୁ ହସ୍ତାନ୍ତର କରିଥିଲା ଏବଂ ଦେୟ ନମିଳିବା ପର୍ଯ୍ୟନ୍ତ କ୍ରେତାମାନଙ୍କୁ ରେଳ ରସିଦ ହସ୍ତାନ୍ତର ନକରିବାକୁ ବ୍ୟାଙ୍କକୁ କହିଥିଲା । ବ୍ୟାଙ୍କକୁ କମ୍ପାନୀର ପ୍ରତିନିଧି କରିବା ପାଇଁ ଏହା ଯଥେଷ୍ଟ ଥିଲା । କ୍ରେତାମାନେ କମ୍ପାନୀ ଦ୍ୱାରା ବ୍ୟାଙ୍କକୁ ଦିଆଯାଇଥିବା ନିର୍ଦ୍ଦେଶକୁ ପ୍ରତ୍ୟାହାର କରିପାରିନଥାନ୍ତେ, ଯାହା ସେମାନେ ନିଃସନ୍ଦେହରେ କରିବାକୁ ସକ୍ଷମ ହୋଇଥାନ୍ତେ, ଯଦି ବ୍ୟାଙ୍କ ସେମାନଙ୍କର ପ୍ରତିନିଧି ହୋଇଥାଆନ୍ତା । *ଆୟକର ଆୟୁକ୍ତ ବନାମ ପି. ଏମ୍. ରାଠୋଡ୍ ଏବଂ କମ୍ପାନୀ*([1]) ମାମଲାରେ ଏହି ନ୍ୟାୟାଳୟଙ୍କ ଦ୍ୱାରା ଏହା ସ୍ଥାପିତ କରାଯାଇଥିଲା । ଶ୍ରୀ ବେଦ ବ୍ୟାସ ଯୁକ୍ତି କରିଛନ୍ତି ଯେ ଏହି ମାମଲାଟି ଏହି ଆଧାରରେ ପ୍ରଭେଦନୀୟ ଅଟେ ଯେ ସେଠାରେ ଥିବା ରେଳ ରସିଦଗୁଡ଼ିକ "ନିଜ ପାଇଁ" ଥିଲା, ଯେତେବେଳେ କି ଏଠାରେ ରେଳ ରସିଦଗୁଡ଼ିକ ମାଲ୍ ଗ୍ରହୀତାଙ୍କ ନାମରେ କରାଯାଇଥିଲା । ଏହି ପାର୍ଥକ୍ୟ ଉପରେ କିଛି ବି ନିର୍ଭର କରେ ନାହିଁ । ସାମଗ୍ରୀର ମାଲିକାନା ଦସ୍ତାବିଜ ସେପର୍ଯ୍ୟନ୍ତ କମ୍ପାନୀର ସମ୍ପତ୍ତି ଥିଲା ଯେପର୍ଯ୍ୟନ୍ତ ଏହାର ଦେୟ ଗ୍ରହଣ କରାଯାଇ ନଥିଲା ଏବଂ ଏହାକୁ ହସ୍ତାନ୍ତର କରାଯାଇ ନଥିଲା । ଏହି ପ୍ରସଙ୍ଗର ଏହି ଦୃଷ୍ଟିକୋଣରୁ, ଆମ୍ଭର ମତ ହେଉଛି ଯେ ପ୍ରଶ୍ନରେ ଥିବା ଏହି ନିଷ୍ପତ୍ତି ଏଠାରେ ପ୍ରଯୁଜ୍ୟ ।

[1] [1960] 1 S.C.R. 401.

*1960*

*ଆୟକର ଆୟୁକ୍ତ, ମଧ୍ୟପ୍ରଦେଶ ଏବଂ ଭୋପାଳ, ନାଗପୁର ବନାମ ଭୋପାଳ ଟେକ୍ସଟାଇଲ୍ସ ଲିମିଟେଡ୍, ଭୋପାଳ*

*ନ୍ୟାୟମୂର୍ତ୍ତି ହିଦାୟତୁଲ୍ଲା*

ଶ୍ରୀଯୁକ୍ତ ବେଦ ବ୍ୟାସ ଶେଷରେ ଯୁକ୍ତି କରିଥିଲେ ଯେ ପକ୍ଷମାନଙ୍କ ମଧ୍ୟରେ ରାଜିନାମା ଥିଲା ଯେ ସାମଗ୍ରୀଗୁଡ଼ିକୁ ଭୋପାଳ ପଠାଯିବ, ଏବଂ ଅର୍ଥ ମଧ୍ୟ ସେଠାରେ ପୈଠ କରାଯିବ । ସେ ଯୁକ୍ତି କରିଥିଲେ ଯେ ଭୋପାଳରେ ବ୍ୟାଙ୍କକୁ ରେଳ ରସିଦ ହସ୍ତାନ୍ତର କରିବା ଚୁକ୍ତିର ପରିଣାମସ୍ୱରୂପ ଥିଲା, ଶେଷରେ ବ୍ୟାଙ୍କ ଦ୍ୱାରା ଅର୍ଥ ପ୍ରାପ୍ତ ହୋଇଥିଲା ଏବଂ ଏହାକୁ ଭୋପାଳରେ ମଧ୍ୟ ହସ୍ତାନ୍ତର କରାଯାଇଥିଲା; ଏବଂ ଏହିପରି, ଏହି ଅର୍ଥ ସେଠାରେ ଗ୍ରହଣ କରାଯାଇଥିବାର ବିବେଚନା କରାଯିବା ଉଚିତ । ଆମ୍ଭ ମତରେ, ଏହା କାରବାରର ପ୍ରକୃତିକୁ ସଠିକ ଭାବେ ସୂଚିତ କରେ ନାହିଁ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହି ରାଜିନାମା ଅନୁଯାୟୀ ଭୋପାଳରେ ଦେୟ ପୈଠ କରାଯିବାର ଥିଲା; କିନ୍ତୁ ପରିସ୍ଥିତି ଦର୍ଶାଉଛି ଯେ ତାହା ହୋଇ ନଥିଲା, ଏବଂ ନିଜ ବ୍ୟାଙ୍କରମାନଙ୍କୁ ରେଳ ରସିଦ ହସ୍ତାନ୍ତର କରିବା ସହିତ କ୍ରେତାମାନଙ୍କୁ ଦେୟ ପୈଠ ବଦଳରେ ରସିଦ ହସ୍ତାନ୍ତର କରିବାକୁ ଏକ ଅନୁରୋଧ କରିବାର ସାଧାରଣ ବାଣିଜ୍ୟିକ ଅଭ୍ୟାସ ଅନୁସରଣ କରାଯାଇଥିଲା । ଯେପରି ଆମ୍ଭେ ଉପରେ ଦର୍ଶାଇଛୁ, ବ୍ୟାଙ୍କ ଏହିପରି ବିକ୍ରେତାଙ୍କ ପ୍ରତିନିଧି ଥିଲା, ଯେପରି ଏହି ନ୍ୟାୟାଳୟଙ୍କ ରାୟରେ ନିଷ୍ପତ୍ତିରେ କରାଯାଇଥିଲା, ଏବଂ ପ୍ରତିନିଧିଙ୍କୁ ଦେୟ ପୈଠ କରିବାର ତଥ୍ୟ ସେହି ସ୍ଥାନ ନିର୍ଦ୍ଧାରଣ କରେ ଯେଉଁଠାରେ କମ୍ପାନୀ ଦ୍ୱାରା ଅର୍ଥ ଗ୍ରହଣ କରାଯିବ ବୋଲି କୁହାଯାଇପାରିବ । ସେହି ସ୍ଥାନ ଥିଲା ଆଗ୍ରା, ଆହ୍ଲାବାଦ କିମ୍ବା ଦିଲ୍ଲୀ । ଏହି ଦୃଷ୍ଟିକୋଣରୁ, ଆୟ, ଲାଭ କିମ୍ବା ଉପାର୍ଜନ ଟିକସଯୋଗ୍ୟ ଅଞ୍ଚଳରେ ପ୍ରାପ୍ତ ହୋଇଥିବାର ବିବେଚନା କରାଯିବା ଆବଶ୍ୟକ, ଏବଂ ଏହି ପ୍ରଶ୍ନର ଉତ୍ତର ଅସ୍ତିବାଚକ ହେଉଥିବା ଉଚିତ୍ ।

ସେହି ଅନୁଯାୟୀ ଆମ୍ଭେ ଆବେଦନକୁ ଅନୁମତି ଦେଉଛୁ ଏବଂ ଏହି ପ୍ରଶ୍ନର ଉତ୍ତର ଅସ୍ତିବାଚକରେ ଦେଉଛୁ । ଆବେଦନକାରୀ ଏଠାରେ ଏବଂ ଉଚ୍ଚ ନ୍ୟାୟାଳୟରେ ତାଙ୍କ ଖର୍ଚ୍ଚ ପାଇବାକୁ ହକଦାର ହେବେ ।

ଆବେଦନକୁ ଅନୁମତି ଦିଆଗଲା ।

*1960*

*ଆୟକର ଆୟୁକ୍ତ, ମଧ୍ୟପ୍ରଦେଶ ଏବଂ ଭୋପାଳ, ନାଗପୁର ବନାମ ଭୋପାଳ ଟେକ୍ସଟାଇଲ୍ସ ଲିମିଟେଡ୍, ଭୋପାଳ*

*ନ୍ୟାୟମୂର୍ତ୍ତି ହିଦାୟତୁଲ୍ଲା*

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ।"

***ଭାଷାନ୍ତର :***

ଅମରେଶ୍ୱର ମିଶ୍ର, ଅନୁବାଦକ,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।